### ଶ୍ରୀଶ୍ରୀଗୁରୁଗୌରାଙ୍ଗୌ ଜୟତଃ

# ଶ୍ରୀଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର 'ପ୍ରଭୁପାଦ'ଙ୍କ ଉପଦେଶାମୃତ

ପ୍ର.୧—କିଏ ଭଜନରହସ୍ୟ ଜାଣିପାରିବେ ?

ଉ.—ଶ୍ରୀସ୍ୱରୂପରୂପାନୁଗବର ଶ୍ରୀଗୁରୁପାଦପଦ୍ମଙ୍କ ବିଶେଷ ବିଶ୍ରମ୍ଭ-ସେବକ ହିଁ ଭଜନରହସ୍ୟ ଜାଣିପାରିବେ।

ଯାହାଙ୍କର ଶ୍ରୀଗୁରୁପାଦପଦ୍ମରେ ସୁଦୃଢ଼ ବିଶ୍ୱାସ ଓ ପ୍ରୀତି ଅଛି, ସେହି ଗୁରୁନିଷ୍ଠ ଭକ୍ତ ହିଁ ବିଶ୍ରମ୍ଭ-ସେବକ। ଶ୍ରୁତି କହନ୍ତି—

**ଯସ୍ୟ ଦେବେ ପରା ଭକ୍ତିର୍ଯଥା ଦେବେ ତଥା ଗୁରୌ।**
**ତସ୍ୟୈତେ କଥିତା ହ୍ୟର୍ଥାଃ ପ୍ରକାଶନ୍ତେ ମହାତ୍ମନଃ।।**

ଭଗବାନଙ୍କଠାରେ ଯେପରି ଅଚଳା ଭକ୍ତି, ସେପରି ଅଚଳା ଭକ୍ତି ଯାହାଙ୍କର ଗୁରୁଙ୍କଠାରେ ଅଛି, ସେହି ମହାତ୍ମାଙ୍କ ନିକଟରେ ଶାସ୍ତ୍ରାର୍ଥ ପ୍ରକାଶିତ ହୁଏ।

ପ୍ର.୨—ଆମେ କିପରି ବଳ ପାଇବୁ ?

ଉ.—ଶ୍ରୀଗୁରୁଦେବଙ୍କ ସେବା ଆଦର ଓ ପ୍ରୀତିର ସହିତ କଲେ ହୃଦୟରେ ପ୍ରଚୁର ବଳ ଆସିବ। ଗୁରୁସେବା ଓ ନାମସେବା ଦ୍ୱାରା ହିଁ ଭକ୍ତିବଳ ଲାଭ ହେବ।

ପ.୩—କର୍ତ୍ତବ୍ୟ-ବୁଦ୍ଧିରେ ଯାହା କରାଯାଏ, ତାହା କ'ଣ ଭକ୍ତି ?

ଉ.—କର୍ତ୍ତବ୍ୟ-ବୁଦ୍ଧି, କୃତଜ୍ଞତା ଆଦି ମନର ବୃତ୍ତି। ତାହା ଆତ୍ମାର ବୃତ୍ତି ବା ଆତ୍ମଧର୍ମ ନୁହେଁ। କର୍ତ୍ତବ୍ୟ-ବୁଦ୍ଧିର କ୍ରିୟା ମନ-ବୁଦ୍ଧି-ଅହଙ୍କାରର ଉପରେ ଏବଂ ଭକ୍ତିର କ୍ରିୟା ଆତ୍ମାର ଉପରେ। ଯାହା out of pure love ନୁହେଁ, ତାହା ଶୁଦ୍ଧଭକ୍ତି ନୁହେଁ। ପ୍ରୀତିର ସହିତ ଯାହା କରାଯାଏ, ତାହା ଶୁଦ୍ଧଭକ୍ତି। Duty is but a regulation. ଆତ୍ମାର ବୃତ୍ତି ବା ଧର୍ମ ହେଲା ଭକ୍ତି ଏବଂ ମନର ବୃତ୍ତି ବା ଧର୍ମ ହେଲା କର୍ତ୍ତବ୍ୟବୁଦ୍ଧି। ଆତ୍ମଧର୍ମ ହିଁ ଏକମାତ୍ର ମଙ୍ଗଳର ରାସ୍ତା।

ପ୍ର.୪—ଅନ୍ୟାଭିଳାଷ କ'ଣ ?

ଉ.—ଜଗତରେ ଥିବା ପର୍ଯ୍ୟନ୍ତ କେବଳ ନିଜର ଇନ୍ଦ୍ରିୟ-ତର୍ପଣ ହିଁ କରିବି—ଏପରି ଇତର ଅଭିଳାଷ ହିଁ ଅନ୍ୟାଭିଳାଷ।

ପ୍ର.୫—କର୍ତ୍ତାଭିମାନ କିପରି ଯିବ ?

ଉ.—ତୃଣାଦପି ସୁନୀଚ ହୁଅ ଅର୍ଥାତ୍ ନିଜକୁ ଭଗବତ୍‌ସେବକ ବୋଲି ଜାଣ, ତା' ହେଲେ କର୍ତ୍ତାଭିମାନ ଆଦୌ ରହିବ ନାହିଁ । ସେତେବେଳେ ସାନନ୍ଦରେ ହରିନାମ କରିପାରିବ ।

ପ୍ର.୬—ଜୀବର ମଙ୍ଗଳ କେବେ ହୁଏ ?

ଉ.—ଯେତେବେଳେ ଆମେ ଶ୍ରୀଗୁରୁପାଦପଦ୍ମ ଆଶ୍ରୟ କରି ଗୁରୁଙ୍କର ହୋଇ କୃଷ୍ଣସେବାକୁ ଜୀବନ କରୁ, ସେତେବେଳେ ବାସ୍ତବ ସତ୍ୟ ଆମର କରାୟତ୍ତ ହୁଏ ।

ପ୍ର.—କୃଷ୍ଣ କାହାର ପ୍ରାର୍ଥନା ଶୁଣନ୍ତି ?

ଉ.—ହେ କୃଷ୍ଣ ! ମୁଁ ଆପଣଙ୍କଠାରୁ ମୋ ନିଜର କୌଣସି ସୁଖ ଚାହୁଁ ନାହିଁ । ଆପଣଙ୍କ ଯାହା ଇଚ୍ଛା, ତାହା ହିଁ ମୋର ଶିରୋଧାର୍ଯ୍ୟ । ସେଥିରେ ଯଦି ମୋର କଷ୍ଟ ବି ହୁଏ, ତାହା ହିଁ ମୋର ସୁଖ । ମଙ୍ଗଳମୟ ଆପଣଙ୍କ ବ୍ୟବସ୍ଥାରେ କୌଣସି ଅମଙ୍ଗଳ ନାହିଁ । ଏପରି ଭାବେ ଆନ୍ତରିକ ଶ୍ରଦ୍ଧାବିଶିଷ୍ଟ ହେଲେ ହିଁ କୃଷ୍ଣ ନିଜ ସେବକର ନିବେଦନ ଗ୍ରହଣ କରନ୍ତି, ଅନ୍ୟଥା ଗ୍ରହଣ କରନ୍ତି ନାହିଁ ।

ପ୍ର.୮—ପ୍ରକୃତ ଶିଷ୍ୟ କିଏ ?

ଉ—ଭଗବାନ୍ କୃଷ୍ଣଚନ୍ଦ୍ର ଆମର ମଙ୍ଗଳର ଯାବତୀୟ ଭାର ଯାହାଙ୍କ ହାତରେ ଅର୍ପଣ କରିଛନ୍ତି, ସେଇ ଶ୍ରୀଗୁରୁଦେବଙ୍କ ଶ୍ରୀପାଦପଦ୍ମେ ଯଦି ମୁଁ ପୂର୍ଣ୍ଣ ଶରଣାଗତ ହୋଇପାରେ, ତେବେ ମୁଁ ପ୍ରକୃତ ଶିଷ୍ୟ ।

ଶ୍ରୀଗୁରୁଦେବ ଆମର ମଙ୍ଗଳ ପାଇଁ ଯେଉଁ ବ୍ୟବସ୍ଥା କରନ୍ତି, ତାହା ନତଶିରରେ ଗ୍ରହଣ କରିବା ହିଁ ଆମର କର୍ତ୍ତବ୍ୟ, ଏହା ହିଁ ପ୍ରକୃତ ଶିଷ୍ୟର ବିଚାର ; ଅନ୍ୟଥା ଅମଙ୍ଗଳ ଅନିବାର୍ଯ୍ୟ ।

ଯିଏ ଭୋଗୀ ନ ହୋଇ—ଇନ୍ଦ୍ରିୟଦ୍ୱାରରେ ବିଷୟଭୋଗ ନ କରି ଗୁରୁଙ୍କ ଆନୁଗତ୍ୟରେ ସତତ ଭଗବତ୍ ସେବା କରନ୍ତି, ସେ ହିଁ ପ୍ରକୃତ ଶିଷ୍ୟ ।

ଏ ଜଗତର ସବୁକିଛି ଗୁରୁସେବାର ଉପକରଣ, ସବୁକିଛି କୃଷ୍ଣସେବାର ବସ୍ତୁ, ଗୁରୁସେବାର ଉପକରଣରେ ଭୋଗବୁଦ୍ଧି ହେଲେ ମଙ୍ଗଳ ହୁଏ ନାହିଁ । ପ୍ରତ୍ୟେକ ବସ୍ତୁରେ ଗୁରୁ-ଦର୍ଶନ ନ ହେଲେ, ଅମଙ୍ଗଳ ଅନିବାର୍ଯ୍ୟ । ପ୍ରକୃତ ଶିଷ୍ୟ ଏହାକୁ ମର୍ମେ ମର୍ମେ ଅନୁଭବ କରି ସତତ ଗୁରୁ-କୃଷ୍ଣ-ସେବାକୁ ହିଁ ଜୀବନ କରନ୍ତି ।

ପ୍ରକୃତ ଶିଷ୍ୟ ଅନ୍ତରେ ବାହାରେ ଗୁରୁଦର୍ଶନ କରନ୍ତି । ଶିଷ୍ୟ ନିଜକୁ ଲଘୁ ଜାଣିଲେ ମଧ୍ୟ ତାଙ୍କର ଲଘୁଦର୍ଶନ ବା ଭୋଗ୍ୟଦର୍ଶନ ନାହିଁ । ଗୁରୁ ଛଡ଼ା ଏ ଜଗତରେ ଆମର ନିଜର ବୋଲି ଆଉ କେହି ନାହିଁ, ଏଇ ସୁବୁଦ୍ଧି ନିଷ୍କପଟ ଶିଷ୍ୟର ରହେ । ପ୍ରକୃତ ଶିଷ୍ୟ ଗୁରୁଦାସ ଅଭିମାନରେ ପ୍ରତିଷ୍ଠିତ ଏବଂ ଗୁରୁଙ୍କଠାରେ ଈଶ୍ୱରବୁଦ୍ଧି-ବିଶିଷ୍ଟ । ଗୁରୁଙ୍କଠାରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଓ ସହଜ ପ୍ରୀତି ।

ପ୍ରକୃତ ଶିଷ୍ୟ ଗୁରୁଙ୍କୁ ପରମାତ୍ମୀୟରୂପେ, କୃଷ୍ଣପ୍ରେଷ୍ଠରୂପେ, ପ୍ରୀତ୍ୟାସ୍ପଦରୂପେ, ନିତ୍ୟ ପ୍ରଭୁ, ନିତ୍ୟ ସେବ୍ୟ ଓ ଜୀବନ-ସର୍ବସ୍ୱ ବୋଲି ଜାଣନ୍ତି । ଶିଷ୍ୟ ଜାଣନ୍ତି କି ଶ୍ରୀଗୁରୁଦେବ ଯୁଗପତ୍ ଭକ୍ତିବିଗ୍ରହ ଓ ଭଗବଦ୍‌ବିଗ୍ରହ । ଶ୍ରୀଗୁରୁଦେବ କୃଷ୍ଣଙ୍କର ପ୍ରାଣାପେକ୍ଷା ପ୍ରିୟ ଏବଂ ତାଙ୍କର ଅଭିନ୍ନ ମୂର୍ତ୍ତି ବା ପ୍ରକାଶ ବିଗ୍ରହ । ଶ୍ରୀଗୁରୁପାଦପଦ୍ମଙ୍କ ଦାସ୍ୟ ବ୍ୟତୀତ କୃଷ୍ଣଦାସ୍ୟ ଲାଭର ସମ୍ଭାବନା ନାହିଁ । ଯେଉଁମାନେ ଗୁରୁଙ୍କ ଦାସ୍ୟ ବା ସେବା କରନ୍ତି, ସେମାନେ ପ୍ରକୃତ ବୈଷ୍ଣବ ବା ପ୍ରକୃତ ଶିଷ୍ୟ, ଆଉ ବାକି ସମସ୍ତେ ଅହଂକାରବିମୂଢ଼ାତ୍ମା—ସିଧା କଥାରେ ଭୋଗୀ ହେବାର ବାସନାଯୁକ୍ତ ।

ବିଦ୍ର : ପ୍ରତି ୧୫ଦିନରେ ଇ-ମାଗାଜିନ୍ ପଢ଼ିବା ପାଇଁ ଅପଣଙ୍କ ବନ୍ଧୁଙ୍କୁ ସୁଯୋଗ ଦିଅନ୍ତୁ । ତେଣୁ ତାଙ୍କର ଇ-ମେଲ ଠିକଣା ଆମ ପାଖକୁ ପଠାଇବାକୁ ଅନୁରୋଧ । ଅନୁସନ୍ଧାନ କରନ୍ତୁ—

oriya website
www.suddhabhakti.com